# ମୋର ପୁରୁଣା କଲେଜର ଅନୁଭୂତି

ତା.୦୧.୦୩.୨୦୧୪

**ଶ୍ରୀ ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ ସପ୍ତାହରେ ମୁଁ ଶ୍ରୀରାମ କଲେଜ ଅଫ କମର୍ସ କୁ ଗସ୍ତ କରିଥିଲି । ଯେଉଁଠାରେ ମୁଁ ଛାତ୍ର ଭାବରେ ମୋର ଜୀବନର ତିନି ବର୍ଷ କଟାଇଥିଲି । ବିଜିନେସ ଷ୍ଟଡ଼ିଜର ଏହା ଏକ ପ୍ରମୁଖ କଲେଜ ଥିଲା । ବର୍ତ୍ତମାନ ମଧ୍ୟ ପୂର୍ବବତ୍ତ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ।

ଏନ.ଡ଼ି ଟିଭି ତରଫରୁ 'ପଲିଟିକାଲ ରୁଟର୍ସ' ନାମକ ଏକ ପ୍ରୋଗ୍ରାମ ହେଉଥିଲା । ଉକ୍ତ ପ୍ରୋଗ୍ରାମଟି ଏନ.ଡ଼ି ଟିଭି ଚ୍ୟାନେଲରେ ପ୍ରସାରିତ ହେବା ସହ ବର୍ଖା ଦତ୍ତ ଏହାର ଘୋଷିକା ଥିଲେ । ଉକ୍ତ ପ୍ରୋଗ୍ରାମଟି ଏକ ଜିମ୍ନାସିୟମ ଗୃହରେ ହୋଇଥିଲା । ମୋ ସହିତ ଶତାଧିକ ଛାତ୍ର ଛାତ୍ରୀଙ୍କ ଗହଣରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା ।  ମୋ ସାମ୍ନାରେ ଯେଉଁ ଛାତ୍ର ଛାତ୍ରୀମାନେ ଥିଲେ ପ୍ରାୟତଃ ସମସ୍ତେ ମେଧାବୀ ଥିଲେ । ଏମିତିକି ବିଭିନ୍ନ ମହାବିଦ୍ୟାଳୟର ଟପର ମାନେ ଉକ୍ତ ମହାବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଆନ୍ତି ।  ସେମାନଙ୍କର ବିଶ୍ୱର ଅର୍ଥନୈତିକ କ୍ଷେତ୍ରରେ କ୍ୟାରିୟର ଗଠନ କରିବା ହେଉଛି ସେମାନଙ୍କର ଲକ୍ଷ୍ୟ ।

ସେମାନେ ଯେଉଁ ପ୍ରଶ୍ନ କରିଥିଲେ ସେଗୁଡ଼ିକ ବିଶେଷ କରି ରାଜନୀତିର ନେତୃତ୍ୱ, ଆର୍ଥିକ ନୀତି, ଦୁର୍ନୀତି ଏବଂ ବିଭିନ୍ନ ପ୍ରକାରର ଘଟଣା ପ୍ରବାହରୁ ଆସିଥିଲା । ସେମାନଙ୍କ ମନର ପ୍ରଶ୍ନକୁ ମଧ୍ୟ ସମାଧାନର ଆବଶ୍ୟକ ଥିଲା । ତନ୍ମଧ୍ୟରୁ କେତେକ ମଧ୍ୟ ମୋର ରାଜନୈତିକ ଦଳ ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ । ପରିସ୍ଥିତି ଏବଂ ପରିବେଶ ଏକ ସଭ୍ୟ ଏବଂ ଗମ୍ଭୀର ସ୍ଥିତିରେ ଥିଲା । ମୋର ସାମ୍ନାରେ ଥିବା ଶ୍ରୋତାମଣ୍ଡଳୀ ଏତେ ମେଧା ସମ୍ପର୍ଣ୍ଣ ଥିଲେ ଯେ ଗଭୀର ଜ୍ଞାନ ନଥିଲେ ତାଙ୍କ ପ୍ରଶ୍ନର ଉତ୍ତର ଦେବା ସହଜ ସାଧ୍ୟ ନଥିଲା । ମୁଁ ଦୁଇଟି ବିଚାର ନେଇ ମୋ ପୂରାତନ କଲେଜରୁ ଫେରିଥିଲି । ଏହିଭଳି ଭାବ ବିନିମୟ ଦେଶର ଆଇନ ପ୍ରଣୟନ ଉପରେ ଗଭୀର ରେଖାପାତ କରୁଛି ଏବଂ ଦ୍ୱିତୀୟତଃ ଯଦି ଯୁବ ସମାଜର ଏହି ଧରଣର ଚର୍ଚ୍ଚା ହୁଏ ଭାରତ ବର୍ଷର ଭବିଷ୍ୟତ ଉଜ୍ଜଳ ରହିବ ।